# ଆରମ୍ଭ

**କେବେ ଆରମ୍ଭ ହେବ ...**

ଆଉ ଏକ ଆହ୍ୱାନ, ନେତାଜୀଙ୍କ ଆହ୍ୱାନ ପରି
ମାଟିର ଆହ୍ୱାନ, ସଂସ୍କୃତିର ଆହ୍ୱାନ
"ଶିକ୍ଷା ବଞ୍ଚାଅ" ର ଆହ୍ୱାନ
ସେମାନେ ଲୁଟିନେବେ ସବୁକିଛି
ଲେଉଟାଇବେନି କିଛି
ଫିରିଙ୍ଗୀଙ୍କ ପରି
ଗାନ୍ଧିଜୀଙ୍କ ଛବିଥିବା କିଛି କାଗଜ ଟୁକୁଡା ବଦଳରେ
ମୋହର ବାଜିଥିବା କିଛି ପ୍ରମାଣପତ୍ର ମାଧ୍ୟମରେ
ଧଳା ପୋଷାକର ଆଢୁଆଳରେ ।

**କେବେ ଆରମ୍ଭ ହେବ ... ...**

ସ୍ୱପ୍ନ ଆଉ ଏକ "ତକ୍ଷଶିଳା" ର
ପରିକଳ୍ପନା ନୂଆ ଏକ "ନାଳନ୍ଦା" ର
ପ୍ରତିଷ୍ଠା କରିବାର ଇଚ୍ଛା
    ଏକ ସୁଶୋଭିତ, ସୁସୁନ୍ଦର "ପୁଷ୍ପଗିରି" ର
ସେମାନେ ଏବେ ବି ବଞ୍ଚିବାକୁ ଚାହାଁନ୍ତି
    ଆଧୁନିକତାର ପାହାଡ ଉହାଡେ
    ସାମାଜିକ ମୂଲ୍ୟବୋଧର ବାଡି ଆଡେ

ଟଙ୍କାର ଟୋକେଇ ଭିତରେ ।

**ନିଶ୍ଚୟ ଆରମ୍ଭ ହେବ ... ... ...**

କାହିଁକିନା

"ଆରୁଣି"ମାନେ ଏଠି ଅପେକ୍ଷାରତ

"ଧୌମ୍ୟ"ଙ୍କ ଆଗମନକୁ, ଆଦେଶକୁ

ନିଷ୍ଠା ର ନିପୁଣତା ପ୍ରତିପାଦନ କରିବାକୁ ;

ଏବେବି ତ

"ଏକଲବ୍ୟ"ମାନେ ଏକାକୀ

ଲୁଚି ଶିଖନ୍ତି "ଦ୍ରୋଣ"ଙ୍କ ଠାରୁ

ମୁକୁଳିବାକୁ ଚେଷ୍ଟା କରନ୍ତି

ଦାରିଦ୍ର୍ୟତା, ଅସ୍ପୃଶ୍ୟତା ର ଆବରଣରୁ ;

ଶେଷରେ

"ଚନ୍ଦ୍ରଗୁପ୍ତ"ମାନେ ବି ଚାହିଁ ବସିଛନ୍ତି

"ଚାଣକ୍ୟ"ଙ୍କ ଆହ୍ୱାନକୁ

ଆଉ ଏକ ଯୁଦ୍ଧର ଆହ୍ୱାନ

'ଶିକ୍ଷା ବଞ୍ଚାଅ'ର ଆହ୍ୱାନ

ଶିକ୍ଷିତ ରାକ୍ଷାସମାନଙ୍କ ପାଖରୁ

ଅର୍ଥଲୋଭୀ ପିଶାଚଙ୍କ କବଳରୁ ।

ହିମାଂଶୁ ଶେଖର ବିଶ୍ୱାଳ

୨୪-୦୨-୨୦୧୨, ମିଚିଗାନ, ଯୁକ୍ତରାଷ୍ଟ୍ର ଆମେରିକା